# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ନିହିମିୟାଙ୍କ ମହା ପ୍ରାଚିର


ଲେଖକ: Edward Hughes
ଦୃଷ୍ଟାନ୍ତ: Jonathan Hay
ଅନୁବାଦକ: Prasanta Bhuyan
ଉପଯୋଜକ: Mary-Anne S.


 କାହାଣି ୬୦ ରୁ ୩୫


**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସ୍ୱତ୍ୱ: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ — Oriya

ପାରଷ୍ୟ, ଏକ ସାରା ଶକ୍ତିଶାଳି ଦେଶ ଥିଲା, ଯାହା ସେରା ପୃଥିବୀ ଉପରେ ରାଜୁତି କଲା । ଏବଂ ରାଜା ଅର୍ତ୍ତକ୍ଷସ୍ତ ପାରଷ୍ୟ ଉପରେ ରାଜ୍ୟ କରୁଥିଲେ । ଏହା ତାଙ୍କୁ ମହା ଶକ୍ତିଶାଳି ରାଜା କଲା । ନିହିମିୟା ଜଣେ ଯେ ଯିହୁଦୀ ଥିଲେ ଓ ରାଜାଙ୍କର ଅନେକ ଉତ୍ତମ କର୍ମାଚ଼ାରି ମାନଙ୍କ ମଧ୍ୟରେ ଜଣେ ଥିଲେ । ସେ ରାଜାଙ୍କ ପାନପାତ୍ର ବାହକ ଥିଲେ । ତାହାର କାର୍ଯ୍ୟ ଥିଲା ଖାଦ୍ୟ ମଧ୍ୟରୁ ରାଜାଙ୍କୁ ସୁରକ୍ଷା କରିବା, କେହି ଯେପରି ରାଜାଙ୍କୁ ବିଶାକ୍ତଖାଦ୍ୟ ନ ଦିଅନ୍ତି ।



1

ଦିନକରେ, ନିହିମିୟା ଦୁଃଖିତ ମୁଖ ନେଇ ରାଜାଙ୍କ ଛାମୁକୁ ଆସିଲେ, ତହୁଁ ରାଜା ତାହାର କୁଶଳ ବିଷୟ ଜାଣିବାକୁ ଚ଼ହିଁଲେ । ହେ ମହାରାଜ, ଆପଣ ଚୀରଜୀବୀ ହେଉନ୍ତୁ, ନିହିମିୟା କହିଲେ । ଯେଉଁ ନଗର ମୋହର ପୂର୍ବପୁରୁଷଗଣର କବର ସ୍ଥାନ, ତାହା ଯେତେବେଳେ ଉଜାଡ଼ ହୋଇ ପଡ଼ିଅଛି ଓ ତହିଁର ଦ୍ୱାରସବୁ ଅଗ୍ନିରେ ଦଗ୍ଧ ହୋଇଅଛି । ନିହିମିୟା ଯିରୁଶାଲମ ବିଷୟରେ କହୁଥିଲେ, ଯାହା ଅନେକ ବର୍ଷ ପୂର୍ବରୁ ଯୁଦ୍ଧ କାରଣରୁ ଧ୍ୱଂସ ହୋଇଥିଲା ।



2

ରାଜା ଅର୍ତ୍ତକ୍ଷସ୍ତ ପଚ଼ାରିଲେ, ତୁମ୍ଭେ କି ବିଷୟରେ ନିବେଦନ କରୁଅଛ, ମୋତେ ଯିରୁଶାଲମକୁ ଯିବାକୁ ଅନୁମତି ପ୍ରଦାନ କରନ୍ତୁ ଯେପରି ମୁଁ ସେହି ପ୍ରାଚ଼ିରକୁ ପୁନଃନିର୍ମାଣ କରିବି ନିହିମିୟା କହିଲେ । ରାଜା ଅର୍ତ୍ତକ୍ଷସ୍ତ ତାହାକୁ ଅନୁମତି ପ୍ରଦାନ କଲେ । ସେ ନିହିମିୟାଙ୍କୁ ପ୍ରତିରକ୍ଷା ନିମନ୍ତେ ଲିଖିତ ପତ୍ର ଦେଲେ କାରଣ ସେ ଯାତ୍ରା
କରୁଥିଲେ ।




ରାଜା ତାହାକୁ ତାହଠାରୁ ମଧ୍ୟ ଅଧିକ ସାହାଯ୍ୟ କଲେ, ସେ ନିହିମିୟାଙ୍କୁ ଆସଫ ନିମନ୍ତେ ଏକ ପତ୍ର ଦେଲେ, ଯେ ମହାରାଜାଙ୍କ ବନରକ୍ଷକ ଥିଲା । ସେହି ପତ୍ରରେ ଆସଫଙ୍କ ନିମନ୍ତେ ଆଜ୍ଞା ଥିଲା ଯେ ନିହିମିୟାଙ୍କୁ ସେହି ନଗର ପ୍ରାଚ଼ିର ମରାମତ ନିମନ୍ତେ ଆବଶ୍ୟକ ଅନୁସାରେ କାଷ୍ଠ ପ୍ରଦାନ କରିବେ ।




ଯେତେବେଳେ ନିହିମିୟା ଯିରୁଶାଲମରେ ପହଞ୍ଚିଲେ, ସେ ନଗରର ଅଧିପତି ଗଣକୁ ଏକତ୍ର କରି କହିଲେ । ଆମ୍ଭେମାନେ ମନ୍ଦ ଅବସ୍ଥାରେ ଅଛୁ, ଯିରୁଶାଲମ କିପରି ଉଜାଡ଼ ହୋଇ ପଡ଼ିଅଛି ଓ ତହିଁର ଦ୍ୱାରସବୁ ଅଗ୍ନିରେ ଦଗ୍ଧ ହୋଇଅଛି, ଏହା ତୁମ୍ଭେମାନେ ଦେଖୁଅଛ, ଆସ ଆମ୍ଭେମାନେ ଆଉ ଯେପରି ନିନ୍ଦାପାତ୍ର ନୋହିବା, ଏଥିପାଇଁ ଯିରୁଶାଲମର ପ୍ରାଚ଼ିର ନିର୍ମାଣ କରୁ ।




ରାଜା ଅର୍ତ୍ତକ୍ଷସ୍ତ ମଧ୍ୟ ଅନୁମୋଦନ କରିଛନ୍ତି ବୋଲି ସେ ସେମାନଙ୍କୁ କହିଲେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ସଦାପ୍ରଭୁ ସେମାନଙ୍କ ସଂଙ୍ଗର ଅଛନ୍ତି ।




ନିହିମିୟାଙ୍କ ବିଶ୍ୱାସ ଓ ପ୍ରବଳ ଆଗ୍ରହ ନିଶ୍ଚିତରେ ଲୋକମାନଙ୍କୁ ଅନୁପ୍ରାଣିତ କରିଥିବ । ସେମାନେ ଏକମତ ହେଲେ ଓ କହିଲେ, ଆସ ଆମ୍ଭେମାନେ ତାହା ନିର୍ମାଣ କରୁ । ନିହିମିୟା ସମସ୍ତ ପରିବାରକୁ ସେମାନେ ପ୍ରାଚିରର କେଉଁ ଅଂଶଟିକୁ ଗଢ଼ିବେ ତାହାମଧ୍ୟ ସେ ସ୍ଥିର କରିଦେଲେ ।




ପୁନର୍ବାର ସେହି ପ୍ରାଚିର ଗଢ଼ିବାକୁ ସମସ୍ତେ ଏକମତ ହେଲେନାହି । ସନବଲ୍ଲଟ ନାମରେ ଏକ ଲୋକ ଓ ତାଙ୍କର ଦୁଇ ବନ୍ଧୁ, ଟୋବିୟ ଓ ଗେଶେମ, ସେମାନେ ଯୀହୁଦୀ ନଥିଲେ । ସେମାନ ଚ଼ାହୁଁ ନ ଥିଲେ ଯେ ପ୍ରାଚିର କାର୍ଯ୍ୟ ଗଢ଼ାଯାଉ
କିମ୍ବା ତାହାର କବାଟ ରଖାଯାଉ ।



ସେହି ପ୍ରାଚିର ଗଢ଼ାକାର୍ଯ୍ୟ ଲାଗିରହିବାରୁ, ତାହା ଶୁଣି ସନବଲ୍ଲଟ ଅତିଶୟ ବିରକ୍ତ ହେଲେ । ସେ ତାଙ୍କ ବନ୍ଧୁମାନଙ୍କ ସହିତ ମିଶି ଯୀହୁଦୀମାନଙ୍କୁ ପରିହାସ କଲେ । ଟୋବିୟ କହିଲେ, ସେମାନେ ଯାହା ଗଢୁଛନ୍ତି, ବିଲୁଆ ଚଢ଼ିଗଲେ ସେ ସେମାନଙ୍କ ପଥର ପ୍ରାଚେ଼ରିକୁ ଭାଙ୍ଗିପକାଇବ । ନିହିମିୟା କିଛି ଉତ୍ତର କଲେ ନାହିଁ । ବଦଳରେ ସେ ପ୍ରାର୍ଥନା କଲେ ସଦାପ୍ରଭୁ ସେମାନଙ୍କ କଥା ବୁଝନ୍ତୁ ।



9

ସେମାନଙ୍କ ପରିହାସ ଯିହୁଦୀମାନଙ୍କ ଉପରେ କୌଣସି ପ୍ରଭେଦ ନ ଆଣିବାରୁ,  ସେମାନେ ଏକତ୍ର ହୋଇ ଯିରୁଶାଲମ ବିରୁଦ୍ଧରେ ଯୁଦ୍ଧ କରିବାକୁ ଏବଂ ତହିଁ ମଧ୍ୟରେ ଗଣ୍ଡଗଳ ଉତ୍ପନ୍ନ କରିବାକୁ ଏକତ୍ର ଚ଼କ୍ରାନ୍ତ କଲେ । ପୁନର୍ବାର ନିହିମିୟା ସଦାପ୍ରଭୁଙ୍କ ସାହାଯ୍ୟ ନିମନ୍ତେ ପ୍ରାର୍ଥନା କଲେ । ସେ ମଧ୍ୟ ପ୍ରହରି ନିଯୁକ୍ତ କରି ହିବାରାତ୍ର ସେମାନଙ୍କ ବିରୁଦ୍ଧରେ ଜଗି ରହିଲେ ।



10

ଯିହୁଜୀମାନେ କଠିନ ପରଶ୍ରମ କଲେ, ସେମାନେ ବ୍ୟତିବ୍ୟସ୍ତ ହେଉଥିଲେ । ସେତେକ ଭୟଭିତ ହେଲେ କାଳେ ସେମାନଙ୍କ କାର୍ଯରତ ସମୟରେ ଶତୃମାନେ ଆସି ସେମାନଙ୍କୁ ବଧ କରିବେ । ତଥାପି, ନିହିମିୟା କାର୍ଯ୍ୟ ସ୍ଥଗିତ କଲେନାହିଁ । ସେ କାର୍ଯ୍ୟରତ ଲୋକଙ୍କ ନିମନ୍ତେ ପ୍ରହରି ରଖିଲେ ଏବଂ ସେମାନଙ୍କୁ କହିଲେ ସଦାପ୍ରଭୁ ସେମାନଙ୍କ ସପକ୍ଷରେ ଅଟନ୍ତି ଓ ସେ ଶତୃମାନଙ୍କଠାରୁ ଅଧିକ ଶକ୍ତିଶାଳି ଅଟନ୍ତି ।



11

ନିହିମିୟା ଉଦାହରଣ ସ୍ୱରୁପ ହୋଇ ରହିବାକୁ ଚେ଼ଷ୍ଟା କଲେ । ରାଜା ଅର୍ତ୍ତକ୍ଷସ୍ତ ନିହିମିୟାଙ୍କୁ ଯିରୁଶାଲମର ଶାସକ ଭାବରେ ନିଯୁକ୍ତ କଲେ । ସେ ତାହାକୁ ଲୋକମାନଙ୍କଠାରୁ ଖାଦ୍ୟ ଓ ଅର୍ଥ ମଧ୍ୟ ସଂଗ୍ରହ କରିବାକୁ ଅଧିକାର ଦେଲେ । କିନ୍ତୁ ନିହିମିୟା ତାହା କଲେ ନାହିଁ ।



12

ଯେତେବେଳେ ସେମାନେ ପ୍ରାଚୀରର ନିର୍ମାଣ କଲେ, ସେ ଲୋକମାନଙ୍କ ସହିତ କଠିନ ପରିଶ୍ରମ କଲେ । ସେ ନିଜର ଅର୍ଥ ବିୟୋଗରେ ଖାଦ୍ୟ କ୍ରୟ କଲେ ।



13

ପରିଶେଷରେ, ଲୋକମାନେ ଉତ୍ତମ ଭାବରେ ପ୍ରାଚୀର ଗଢ଼ିବା କାର୍ଯ୍ୟ ସମାପ୍ତ କଲେ । କେବଳ ପ୍ରାଚୀରର ଜୀର୍ଣ୍ଣସଂସ୍କାର କାର୍ଯ୍ୟ ଅଗ୍ରସର ହେଉଅଛି ଓ ଭଗ୍ନ ସ୍ଥାନସବୁ ବନ୍ଦ ହେବାକୁ ଲାଗୁଅଛି, ଏହା ଶୁଣି ସନବଲ୍ଲଟ୍ ଓ ଟୋବିୟ ଶୁଣିଲେ ଯେ ସେଠାରେ କୌଣସି ଫାଙ୍କ ନାହିଁ ତେଣୁ ସେମାନେ ନିହିମିୟାଙ୍କର ଅନିଷ୍ଟ କରିବାକୁ ଯୋଜନା କଲେ ।



14













ନିହିମିୟାଙ୍କ ମହା ପ୍ରାଚିର

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ନିହିମିୟା

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।